# Akashvani, Sambalpur

## SAMBALPURI NEWS EVENING BULLETIN

## 8 October 2024- 7.02 pm- 7.12 pm.

*******************************************

୧- ନୂଆଦିଲ୍ଲୀ ନ ୭୦ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଦେଲେ ରାଷ୍ଟ୍ରପତି ।

-ବରିଷ୍ଠ ଅଭିନେତା ମିଥୁନ୍ ଚକ୍ରବର୍ତୀ ପାଏଲେ ଦାଦାସାହେବ୍ ଫାଲ୍କେ ପୁରସ୍କାର୍ ।

- ଦମନ୍ ପାଏଲା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର୍ ।

୨- ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ର ୨ ଶହ ୮୨ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ୩୫ ଲାଖ୍ ହିତାଧିକାରୀଙ୍କୁ ଆଏବାକାଏଲ୍ ମିଲ୍ବା ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତି ଟଙ୍କା ।

ଆଉର୍

୪- ରାଜ୍ୟର୍ ବାମପନ୍ଥୀ, ନକ୍ସଲ୍ବାଦ୍ ପ୍ରଭାବିତ୍ ଇଲାକାମାନ୍କର୍ ବିକାଶ୍ ଲାଗି ମୁଲ୍ ହେଲା ଗ୍ରାମୋଦୟ କାର୍ଯ୍ୟକ୍ରମ୍ ।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର          ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ନ ୨୦୨୨ ବଛର୍ ଲାଗି ୭୦ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଦେଇଛନ୍ । ଇଥି ବରିଷ୍ଠ ଅଭିନେତା ମିଥୁନ୍ ଚକ୍ରବର୍ତୀଙ୍କୁ ଦାଦାସାହେବ୍ ଫାଲ୍‌କେ ପୁରସ୍କାର୍ ଦିଆଯାଇଛେ । ସେନ୍ତା କନ୍ନଡ଼ ଫିଲ୍ମ କାନ୍ତାରା ଲାଗି ରିଷଭ୍ ସେଠୀ ଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର୍ ଦିଆଯାଇଛେ । ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର  ଲାଗି ଦମନ୍‌କେ ପୁରସ୍କାର୍ ମିଳିଛେ । ଦମନ୍‌ର ପ୍ରଯୋଜକ ଦୀପେନ୍ଦ୍ର ସାମଲ୍, ନିର୍ଦ୍ଦେଶକ ବିଶାଲ୍ ମୌର୍ଯ୍ୟ ଆର୍ ଦେବୀ ପ୍ରସାଦ୍ ଲେଙ୍କା ରାଷ୍ଟ୍ରପତିଙ୍କର୍‌ନୁ ପୁରସ୍କାର୍ ଗ୍ରହଣ୍ କରିଛନ୍ । ପୁରସ୍କାର୍ ବିତରଣ୍ ଉତ୍ସବ୍‌ଥି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଉପସ୍ଥିତ୍ ଥିଲେ । ସେଆଡ଼େ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦମନ୍ ଚଳଚ୍ଚିତ୍ରକେ ଶ୍ରେଷ୍ଠ ପୁରସ୍କାର୍ ମିଳିଥିବାର୍‌ନୁ ପ୍ରଯୋଜକ ଆର୍ ପୁରା ଚଳଚ୍ଚିତ୍ର ଟିମ୍‌କେ ଅଭିନନ୍ଦନ ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ସିନ୍‌ମା ତିଆରି, ସିନ୍‌ମାର୍ କଥାନୀ ଆର୍ ଭଲ୍ ଅଭିନୟ  ବାଗିର୍ ଭିନ୍ ଭିନ୍ ବର୍ଗ ଲାଗି ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଦିଆଯାଏସି ।

ମୁଖ୍ୟମନ୍ତ୍ରୀ- ନିଯୁକ୍ତିପତ୍ର ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଁକରି ନିଯୁକ୍ତି ପାଇଥିବା ୨ ଶହ ୮୨ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଗୁଟେ ସ୍ୱତନ୍ତ୍ର ଉତ୍ସବ୍‌ଥି ଶକ୍ତି ବିଭାଗ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ଆଉ ଓଡ଼ିଶା ଖଣି ନିଗମ୍ ଲାଗି ବଛାଯାଇଥିବାର୍ ପ୍ରାର୍ଥୀମାନ୍‌କୁ ଇ ନିଯୁକ୍ତିପତ୍ର ବାଂଟିଥିଲେ । ଉତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ଶକ୍ତି ଆଉ ଖଣି ବିଭାଗ୍ ମନ୍ତ୍ରୀ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଓଡ଼ିଶାର୍ ବିକାଶ୍ ଆଉ ଲୋକ୍‌ମାନ୍‌କୁ ଭଲ୍ ସେବା ଯୁଗେଇ ଦେବାର୍ ଲକ୍ଷ୍ୟଥି ନିଷ୍ଠାର୍ ସହେତେ କାମ୍ କର୍‌ବାର୍‌କେ ନୂଆଁକରି ନିଯୁକ୍ତି ପାଇଥିବା କର୍ମଚାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୩୫ ଲାଖ୍ ହିତାଧିକାରୀଙ୍କୁ ୨ ନମ୍ବର୍ ଖେପେ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତି ଟଙ୍କା ଆଏବା କାଏଲ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମ୍‌କେ କହିଛନ୍ । ସେ କହିଛନ୍ ଯେ, ରାଜ୍ୟର୍ ୧ କୋଟି ୨୦

ହଜାର୍ ମହିଲା ଗଲାକାଏଲ୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ହିତାଧିକାରୀମାନ୍‌କୁ ବାରିପଦା ନ ୨ ନମ୍ବର୍ ଖେପ୍‌ର ପହେଲା କିସ୍ତି ଟଙ୍କା ବାଂଟ୍‌ବେ ।

ଥାନା- ସିସିଟିଭି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଥାନା ମାନ୍‌କେ ଖୋବ୍ ଜଲ୍‌ଦି ସିସିଟିଭି କେମ୍‌ରା ଲଗାଯିବା ବଲି ଆଏଜ୍ ହାଇକୋର୍ଟ ନ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସତ୍ୟପାଠ ଦାଖଲ୍ କରାଯାଇଛେ । ଏଛେନ୍ ୪ ଶହ ୫୬ ଟା ଥାନାଥି ସିସିଟିଭି କେମ୍‌ରା ଲାଗିଛେ । ଆଏବା ୧୫ ଦିନ୍ ଭିତ୍‌ରେ ରାଜ୍ୟର୍ ସବୁ ଥାନାଥି ସିସିଟିଭି କେମ୍‌ରା ଲଗାଯିବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ସତ୍ୟପାଠଥି କୁହାଯାଇଛେ । ରାଜ୍ୟର୍ ସବୁ ଜିଲ୍ଲାର୍ ଏସ୍.ପି. ଅଫିସ୍‌ଥି କେମ୍‌ରା ଲଗାଯିବାର୍‌କେ ଥିର୍ କରାଯାଇଛେ । ଭରତ୍‌ପୁର୍ ଥାନା ନ ଘଟିଥିବା ଘଟ୍‌ନାର୍ ବିଚାର୍ କରିକରି ହାଇକୋର୍ଟ ପୁଲିସ୍‌ର ତଦନ୍ତ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ପଦକ୍ଷେପ୍‌କେ ପ୍ରଶଂସା କରିଛନ୍ । ଥାନା ଭିତ୍‌ରେ ସେନା କର୍ମଚାରୀମାନ୍‌କର୍ ସାଙ୍ଗେ ଭଲ୍ ବେଭାର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଆନ୍‌ବେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ

ସତ୍ୟପାଠଥି କୁହାଯାଇଛେ । ମାମ୍ଲାର୍ ଆଗ୍କେ ଶୁଣାଣି ଆଏବା ମାସ ୧୨ ତାରିଖ୍କେ ଧାରିଜ୍ କରାଯାଇଚେ ।

ଓପିଏସ୍‌ସିର ନୂଆଁ ଅଧ୍ୟକ୍ଷ ଦାୟିତ୍ୱ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ଲୋକ୍‌ସେବା ଆୟୋଗ୍ - ଓପିଏସ୍‌ସିର ନୂଆଁ ଅଧ୍ୟକ୍ଷ ଭାବେ ଅରୁଣ୍ କୁମାର୍ ଷଡ଼ଙ୍ଗୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଓପିଏସ୍‌ସିର ଆଘର୍ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତିଙ୍କର୍ ଅବସର ଉତ୍‌ରୁ ବରିଷ୍ଠ ସଦସ୍ୟ ଡକ୍ଟର୍ ସରିତା ସୂପକାର୍ ଓପିଏସ୍‌ସିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଥିଲେ । ଅଧ୍ୟକ୍ଷ ଦାୟିତ୍ୱ ନେବାର୍ ଉତ୍‌ରୁ ଶ୍ରୀ ଷଡ଼ଙ୍ଗୀ କହିଛନ୍ ଯେ, ଓପିଏସ୍‌ସିର ପରୀକ୍ଷା ଆଉ ଚୟନ ପ୍ରକ୍ରିୟାଥି ସ୍ୱଚ୍ଛତାକେ ପ୍ରାଥମିକତା ଦିଆଯିବା । ଶ୍ରୀ ଷଡ଼ଙ୍ଗୀଙ୍କର୍ ସର୍‌କାରୀ ଚାକିରୀ ଆଉ ୧୦ ମାସ୍ ଥିବାର୍ ବେଲେ ଗଲାକାଏଲ୍ ସେ ତାଙ୍କର୍ ଚାକିରୀନୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଆଏଜ୍ ବିଜୁ ପଟ୍ଟନାୟକ୍ ପୁଲିସ୍ ଟ୍ରେନିଂ ଏକାଡେମୀଥି ଶ୍ରୀ ଷଡ଼ଙ୍ଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଗ୍ରାମୋଦୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ବାମପନ୍ଥୀ, ନକ୍ସଲ୍ବାଦ୍ଥି ପ୍ରଭାବିତ୍ ଇଲାକା ମାନ୍କର୍ ସବୁକ୍ଷେତ୍ରଥି ବିକାଶ୍ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ଗ୍ରାମୋଦୟ ମୁଲ୍ କରାଯାଇଛେ । ନକ୍ସଲ୍ ପ୍ରଭାବିତ୍ ୧୦ ଟା ଜିଲ୍ଲାର୍ ୫ ଶହ ୮୩ ଟା ଗାଁର୍ ଲୋକ୍ମାନ୍କର୍ ପାଖେ ଯେନ୍ତା ସବୁ ସର୍କାରୀ ଯୋଜ୍ନାର୍ ଶହେ ପ୍ରତିଶତ୍ ସୁବିଧା ପୁହୁଁଚାଯାଇପାର୍ବା ସେଥିର୍ଲାଗି ସବୁ ବିଭାଗ୍କେ ଗୁଟେ ନ ଜୁଡ଼ିକରି ଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମୁଲ୍ କରାଯାଇଛେ । ଇ କାର୍ଯ୍ୟକ୍ରମ୍ର ତଦାରଖ୍ ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି କାମ୍ କର୍ବା । ରାଜ୍ୟ ସର୍କାର୍ଙ୍କର୍ ସବୁ ବିଭାଗ୍ ଗୁଟେ ହେଇକରି ପରିପୂର୍ଣ୍ଣତା ଭିତିଥି ଯୋଜ୍ନାମାନ୍କର୍ କାର୍ଯ୍ୟକାରୀ କର୍ବେ । ଇଥି ପଂଚାୟତିରାଜ୍ ଆର୍ ପାନୀୟ ଜଳ ଯୋଗାଣ ବିଭାଗ୍ ନୋଡ଼ାଲ୍ ବିଭାଗ୍ ଭାବେ କାମ୍ କର୍ବା । ଇତାର୍ ଅଧୀନ୍ଥି ୩୧ ଟା ସର୍କାରୀ ଯୋଜ୍ନା ଆର୍ ହିତାଧିକାରୀ ପରିବାର୍କେ ୪୪ ଟା ସର୍କାରୀ ଯୋଜ୍ନାର୍ ଶହେ ପ୍ରତିଶତ୍ ସୁବିଧା ପୁହୁଁଚାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରାମୋଦୟ କାର୍ଯ୍ୟକାରୀ କର୍ବାର୍ ଲାଗି ତୃଣମୂଳ ସ୍ତର୍ଥି ଜନସମ୍ପର୍କ ଶିବିର, ସଚେତନତା ଅଭିଯାନ୍, ଗ୍ରାମସଭା, ଅଭିଯୋଗ୍ ଶୁଣାଣିର ଖାସ୍ ବ୍ୟବସ୍ଥା କରାଯାଇଛେ ।

ପଦାର୍ଥ ବିଜ୍ଞାନ୍- ନୋବେଲ୍ ଏନ୍ଏସ୍ଡି

ପଦାର୍ଥ ବିଜ୍ଞାନ୍‌ଥି ଜନ୍. ଏଚ୍. ହୋପ୍‌ଫିଲ୍ଡ୍ ଆର୍ ଜିଓଫ୍ରେ ଇ. ହିନ୍‌ଟନ୍ ଙ୍କୁ ୨୦୨୪ ବଛର୍‌ର ନୋବେଲ୍ ପୁରସ୍କାର୍ ଲାଗି ଘୋଷ୍‌ନା କରାଯାଇଛେ । ଇ ଦୁହି ନୋବେଲ୍ ବିଜେତା ପଦାର୍ଥ ବିଜ୍ଞାନନୁ ଉପକରଣ୍ ବେଭାର୍ କରିଥିଲେ, ଯେନ୍‌ଟାକି ଆଧୁନିକ୍ ଯୁଗର ଶକ୍ତିଶାଳୀ ମିସିନ୍ ଶିକ୍ଷାର ମୂଲ୍‌ଦୂଆ ସୃଷ୍ଟି କରିଥିଲା ।

ନବରାତ୍ର ବୌଦ୍ଧ/ନୂଆପଡ଼ା/ସୁବର୍ଣ୍ଣପୁର ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଶକ୍ତିପୀଠ ନ ଷୋହଳ ପୂଜା ଚାଲିଥିବାର୍ ବେଳେ ପୂଜା ମଣ୍ଡପ୍ ମାନ୍‌କେ ନବରାତ୍ର ପୂଜା ଚାଲିଛେ । ଉଚ୍ଚା ତୋରଣ ରଙ୍ଗବେରଙ୍ଗ୍ ଅଲୋକ୍‌ମାଳାଥି ମନ୍ଦିର୍ ଆର୍ ପୂଜା ମଣ୍ଡପ୍‌ମାନ୍‌କେ ସଜା ଯାଇଛେ । ଜିଲ୍ଲାର୍ ପ୍ରସିଦ୍ଧ ଶକ୍ତିପୀଠ ପୁର୍‌ନାକଟକ୍‌ର ମା ଭୈରବୀ ପୀଠ ନ ଷୋହଳ ପୂଜା ଆଉ ତେଲିବନ୍ଧ ଠାନେ ଥିବା ବନଦୁର୍ଗା ମନ୍ଦିରେ ନବରାତ୍ର ପୂଜା ମୁଲ୍ ହେଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ନ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ନବଦିନାତ୍ମକ ଅଖଣ୍ଡ ଦୀପ ଜଳାଯାଇଛେ । ଭକ୍ତମାନେ ନିଜର୍ ନିଜର୍ ମନସ୍କାମନା ପୂରଣ୍ ନେଇକରି ଇ ଦୀପ ଜାଲିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ମାହେଶ୍ୱରୀ ପୀଠ ମାନ୍‌କେ ଷୋହଳ ପୂଜା ଖୋବ୍ ନିଷ୍ଠାର୍ ସହେତେ ଚାଲିଛେ । ସେନ୍ତା ଦେବୀ ସୁରେଶ୍ୱରୀ ଆଏଜ୍ ଧୁମାବତୀ ବେଶ୍‌ଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଥିବାର୍ ବେଲେ ମନ୍ଦିର୍‌ର ଯଜ୍ଞମଣ୍ଡପ୍ ନୁ ସପ୍ତଚଣ୍ଡୀଙ୍କର୍ ଲାଗି ସଖାଲେ ଘୃତଯଜ୍ଞ ଆର୍ ସନ୍ଧ୍ୟାଥି ପଂଚମହାଆଳତୀ ଚାଲିଛେ । ସୋନ୍‌ପୁର୍‌ର ଦେବୀ ସୁରେଶ୍ୱରୀ ବିନ୍‌କାର୍ ଦେବୀ ଚର୍‌ଦେଇ, ତେଲେଣ୍ଡାର୍ ମା ରାମଚଣ୍ଡୀ ଆର୍ ଉଲୁଣ୍ଡାର୍ ମା ମେଟାକାନୀ ମନ୍ଦିର୍ ନ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍ ଲାଗି ରହିଛେ ।

ଦୁର୍ଗାପୂଜା ସମନ୍ୱୟ ବୈଠକ୍          ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲା ନ ଦୁର୍ଗାପୂଜାକେ ଶାନ୍ତିଶୃଙ୍ଖଳା ଆଉ ସୁବ୍ୟବସ୍ଥିତ୍ ଭାବେ ପାଲନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ପ୍ରଶାସନ୍, ପୁଲିସ୍ ବିଭାଗ୍ ଆର୍ ଜିଲ୍ଲାର୍ ପୂଜା କମିଟି ମାନ୍‌କର୍ ଗୁଟେ ପ୍ରସ୍ତୁତି ଆର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ଇ ବଛର୍ ଗାଁ ଆର୍ ସହର୍ ନ ପାଖାପାଖି ୭୧ ଟା ପୂଜା ମଣ୍ଡପ୍‌ଥି ମା'ଙ୍କର୍ ପ୍ରତିମା ପୂଜା ପାଏବେ । ଲୋକ୍‌ମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ବିଧିବଦ୍ଧ ପ୍ରଶାସନିକ ଅନୁମତି ନେବାର୍‌କେ ଜିଲ୍ଲାପାଲ୍ କମିଟିର୍ କର୍ମକର୍ତାମାନ୍‌କୁ ପରାମର୍ଶ ଦେଇଛନ୍ । ପୂଜା ମଣ୍ଡପ୍‌ମାନ୍‌କେ ଡାକ୍‌ବାଜି ଯନ୍ତ୍ର ବେଭାର୍, ଅସ୍ଥାୟୀ

ବିଦ୍ୟୁତ୍ ଯୋଗାଣ, ନିଆଁଲିଭା ଲାଗି ଅଗ୍ନିନିର୍ବାପକ ଲାଗି ଉପଜିଲ୍ଲାପାଲ୍ଙ୍କର୍ଠାନୁ ଅନୁମତି ନେବାର୍କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ସଡ଼କ୍ ସୁରକ୍ଷା- ବୋଟ୍ ସୁରକ୍ଷା ବୈଠକ ଝାର୍ସୁଗୁଡ଼ା

ଝାର୍ସୁଗୁଡ଼ାର୍ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଲନୀ କକ୍ଷ ନ ସଡ଼କ୍ ସୁରକ୍ଷା ଆର୍ ବୋଟ୍ ସୁରକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଜିଲ୍ଲା ସଡ଼କ ସୁରକ୍ଷା କମିଟିର୍ ଅଧ୍ୟକ୍ଷ ଆବୋଲି ସୁନୀଲ୍ ନର୍ଓ୍ୱଣେଙ୍କର୍ ପୌରହିତ୍ୟଥି ହେଇଥିବା ବୈଠକ୍ଥି ରାସ୍ତା ଦୁର୍ଘଟଣା ବାବ୍ଦେ ତଥ୍ୟର୍ ତର୍ଜମା, ଗଲା ଅଗଷ୍ଟ ମାସ୍ତକ୍ ସଡ଼କ୍ ସୁରକ୍ଷା ବାବ୍ଦେ ଏନ୍ଫୋର୍ସମେଂଟ୍ ରାସ୍ତା ତରାନୁ ପାର୍କିଂ ହଟାବାର୍ ଲାଗି ଭିନ୍ ଭିନ୍ ଶିଳ୍ପାନୁଷ୍ଠାନ୍ ତର୍ଫୁ ସିକ୍ୟୁରିଟି ଗାର୍ଡ଼ ଦିଆଯିବା । ୧୦ ନମ୍ବର୍ ରାଜ୍ୟ ରାଜପଥ ଆର୍ ୪୯ ନମ୍ବର୍ ଜାତୀୟ ରାଜପଥଥି ଢାବା, ଗେରେଜ୍, ପେଟ୍ରୋଲ୍ ପମ୍ପ ଆର୍ ଅଲ୍ଗା ପ୍ରତିଷ୍ଠାନ୍ର ରାସ୍ତା ପାଖେ ବେନିୟମ୍ ଭାବେ କରାଯାଉଥିବା ପାର୍କିଂର ତଦାରଖ୍, ଭାରିଯାନ ମାନ୍କେ କୁଇଲା, ଫ୍ଲାଏଆସ୍ ଆର୍ ବାଏଲ୍ର ପରିବହନ୍ ବାବ୍ଦେ ଦର୍କାରୀ ପଦକ୍ଷେପ୍ ନେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା । ସେନ୍ତା ବିନା ଅନୁମତିଥି କେନ୍ସି ବୋଟ୍

କି ଡଙ୍ଗାଥି ଯାତ୍ରୀ ନିଆଅନା ଉପ୍‌ରେ ବୋଟ୍ ସୁରକ୍ଷା କମିଟି ବୈଠକ୍‌ଥି ମନା କରାଯାଇଛେ ।

ବିଦ୍ୟୁତ୍ ବିଲ୍ ସଂଶୋଧନ୍-ପ୍ରତିବିଧାନ୍ ପୀଠ/ସମ୍ବଲପୁର୍ ସମ୍ବାଦଦାତା

ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଉପଭୋକ୍ତା-ମାନ୍‌କର୍ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ୍ ଲାଗି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆର୍ ଦେବ୍‌ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଇ ମାସ ବିଶେଷ ଅଭିଯୋଗ୍ ପ୍ରତିବିଧାନ୍ ପୀଠର ଆୟୋଜନ୍ କରୁଛେ । ଇଥିର୍‌ଲାଗି ଇ ତିନ୍‌ହି ଜିଲ୍ଲାର୍ ବିଦ୍ୟୁତ୍ ଉପଭୋକ୍ତାମାନେ ଧାରିଜ୍ ତାରିଖ୍ ଦିନ ନିଜର୍ ନିଜର୍ ଅଂଚଲ୍‌ଥି ଉପସ୍ଥିତ୍ ରହିକରି ନିଜର୍ ବିବାଦୀୟ ବିଦ୍ୟୁତ୍ ବିଲ୍ ବାବ୍‌ଦେ ଅଭିଯୋଗ୍ ପଞ୍ଜିକରଣ୍ କରିପାର୍‌ବେ ।

ଦେବ୍‌ଗଡ଼୍-ହାତୀ ଉତ୍ପାତ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହାତୀ ଉତ୍ପାତ୍‌ନୁ ରକ୍ଷା ପାଏବାର୍ ଲାଗି ଜିଲ୍ଲାସ୍ତରୀୟ କାର୍ଯ୍ୟଯୋଜ୍‌ନା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର୍

ଧନାଜି ରାଓସୋ ହାତୀମାନେ କରୁଥିବା ନୁକ୍‌ସାନ୍ ଲାଗି ହଉଥିବା ଦ୍ୱନ୍ଦ୍ୱକେ କମ୍ କର୍‌ବାର୍ ଲାଗି ଲୋକ୍‌ମାନ୍‌କୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ବୈଠକ୍‌ଥି ଅଧ୍ୟକ୍ଷତା କରିଥିଲେ ।

ସମ୍ପୂର୍ଣ୍ଣତା ଅଭିଯାନ୍ ଉଦ୍‌ଯାପିତ୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ପାଇକ୍‌ମାଲ୍ ବ୍ଲକ୍ ନ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ, ପଦମ୍‌ପୁର୍ ଅତିରିକ୍ତ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ବିଡ଼ିଓ ପ୍ରଫୁଲ୍ଲ କୁମାର୍ ଓଦୁ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ କେତେଟା ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍ ଆର୍ ନୂଆପଡ଼ା ସହେତେ ଉତର୍

ଉପକୂଳ ଓଡ଼ିଶାର୍ କେତେଟା ଜିଲ୍ଲା ନ ମଧ୍ୟମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।